# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 February - 2026

********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତ ଶେଷ କରି ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି
- ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର

– ଭୁବନେଶ୍ୱର–କଟକ–ପୁରୀ–ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଦେଶର ଶ୍ରମିକଙ୍କ ପରିଶ୍ରମ ଓ ଦକ୍ଷତା ବଳରେ ଅର୍ଥନୀତି ମଜଭୁତ ହେଉଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଆସନ୍ତା ମାସ ୧୪ ତାରିଖରେ ହେବ ମହାନଦୀ ଜଳ ବିବାଦ ଶୁଣାଣି

ଏବଂ

- ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ

Desk

## ରାଷ୍ଟ୍ରପତିଙ୍କ ପ୍ରତ୍ୟାବର୍ତ୍ତନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଅ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ଆଜି ଛତିଶଗଡ଼ର ଜଗଦଲପୁରରେ ଆୟୋଜିତ ବସ୍ତର ପାଣ୍ଡମ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଆଜି ଲୋକଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରି ରାଜ୍ୟର ବିକାଶଗାଥା ସମ୍ପର୍କିତ ପୁସ୍ତିକା 'ପ୍ରଗତି ପ୍ରବାହ' ପ୍ରଦାନ କରିଥିଲେ । ରାଷ୍ଟ୍ରପତିଙ୍କ ଏହି ଗସ୍ତ ରାଜ୍ୟ ପାଇଁ ଅତ୍ୟନ୍ତ ସ୍ମରଣୀୟ ଓ ଉତ୍ସାହଜନକ । ତାଙ୍କର ମାର୍ଗଦର୍ଶନ ବିକଶିତ ଓଡ଼ିଶାର ସଂକଳ୍ପକୁ ସିଦ୍ଧ କରିବା ଦିଗରେ ସର୍ବଦା ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ପରେ ଭୁବନେଶ୍ୱର ବିମାନ ବନ୍ଦରଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବି.ଏମ୍.ସି. ମେୟର ସୁଲୋଚନା ଦାସ ରାଷ୍ଟ୍ରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

BBSR/R

## ବିସିପିପିଇଆର୍ ଅର୍ଥନୈତିକ କରିଡର

ଭିତ୍ତିଭୂମି ବିକାଶ ମାଧ୍ୟମରେ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ' ଭୁବନେଶ୍ୱର–କଟକ–ପୁରୀ–

ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ–ବି.ସି.ପି.ପି.ଇ.ଆର୍. ପାଇଁ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନାରେ ୮୦ରୁ ଅଧିକ ପ୍ରସ୍ତାବିତ ପ୍ରକଳ୍ପ ଏବଂ ୩୦ରୁ ଊର୍ଦ୍ଧ୍ୱ ନୀତିଗତ ପ୍ରସ୍ତାବନା ରହିଛି। ଏହି କରିଡର ଅର୍ଥନୈତିକ ଅଞ୍ଚଳର ପର୍ଯ୍ୟଟନ ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ଜ୍ଞାନ, ନବସୃଜନ ଓ ପ୍ରତିଭା କ୍ଷେତ୍ରରେ ବି.ସି.ପି.ପି.ଇ.ଆର୍' କୁ ଜାତୀୟସ୍ତରରେ ହବ୍ ଭାବେ ଗଢ଼ାଯିବ। ଏହାକୁ ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର ଭିତ୍ତିକ ଶିଳ୍ପ ଏବଂ ଲଜିଷ୍ଟିକ୍ ହବ୍‌ରେ ପରିଣତ କରିବା ପାଇଁ ସରକାର ପ୍ରାଥମିକସ୍ତରରେ ଥିବା ବିକାଶର ସୁଯୋଗକୁ କାର୍ଯ୍ୟକାରୀ କରାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ଏହି ଯୋଜନା ରାଜ୍ୟର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଆଗାମୀ ଦିନରେ ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ଼ ବଡ଼ ସହରମାନଙ୍କରେ ଏଭଳି ଯୋଜନା ପ୍ରସ୍ତୁତ କରାଯିବ। ୨୦୪୭ ମସିହା ସୁଦ୍ଧା ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଦେଶ ପାଇଁ ସହାୟକ

ହେବ ବୋଲି ନୀତି ଆୟୋଗର ସି.ଇ.ଓ. ବି.ଭି.ଆର୍. ସୁବ୍ରମଣ୍ୟମ କହିଛନ୍ତି ।

Puri

## ଧର୍ମେନ୍ଦ୍ର- ମଜଦୁର ସଂଘ

ରାଷ୍ଟ୍ର ଗଠନ, ଜାତୀୟତାବାଦ ଓ ବିକଶିତ ଭାରତ ନିର୍ମାଣରେ ଶ୍ରମିକଙ୍କ ଯୋଗଦାନ ଏବଂ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୁରୀ ବଗଲା ଧର୍ମଶାଳାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ଶ୍ରମିକଙ୍କ ପରିଶ୍ରମ ଓ ଦକ୍ଷତା ବଳରେ ଭାରତର ଅର୍ଥନୀତି ମଜଭୁତ ହେଉଛି । ଶ୍ରମ ଶକ୍ତିକୁ ସମ୍ମାନ ଦେଲେ ଅର୍ଥନୀତି ଦ୍ୱିଗୁଣିତ ହେବ । ଏହିକ୍ରମରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ବୃଦ୍ଧି କରାଯାଇଛି । କେନ୍ଦ୍ର ସରକାର ନୂତନ ଭାବେ ଲାଗୁ କରିଥିବା ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଶ୍ରମିକଙ୍କ ସ୍ୱାର୍ଥ, କଲ୍ୟାଣ ଓ ଅଧିକାର ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**- V/O -**

କୃତ୍ରିମ ବୁଦ୍ଧିମତାର ପ୍ରଣୟନ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଅଭିବୃଦ୍ଧି, ବୈଷୟିକ ଜ୍ଞାନକୌଶଳର ବିକାଶ, ଡିଜିଟାଇଜେସନ୍ ଯୁଗରେ ମଧ୍ୟ ଦେଶର ଶ୍ରମିକ ନିଜକୁ ସମୟ ଅନୁଯାୟୀ ପ୍ରସ୍ତୁତ କରୁଛନ୍ତି । ଦେଶରେ

ବର୍ତ୍ତମାନ ୫୦ କୋଟି ଲୋକ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସ୍ୱାର୍ଥ, କଲ୍ୟାଣ, ସାମାଜିକ ସୁରକ୍ଷା ପାଇଁ ଭାରତୀୟ ମଜଦୁର ସଂଘର ଏହି ସମ୍ମିଳନୀ ବେଶ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଅଣକୁଶଳୀ, କୁଶଳୀ ଶ୍ରମିକଙ୍କୁ ବୈଷୟିକ ଅଭିବୃଦ୍ଧି ସହ ଅଧିକ ଦକ୍ଷ କରିବା ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି।

BHK

## ସ୍ୱାସ୍ଥ୍ୟସେବା ସେଚତନତା

ଭଦ୍ରକ ଜିଲ୍ଲା ବରପଦା କୁସୁନନଗର କେ.କେ.ଆର୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

Desk

## ବିଧାୟକ କପ୍

ବଲାଙ୍ଗୀର ଜିଲ୍ଲାରେ ଆସନ୍ତାକାଲିଠାରୁ ବିଧାୟକ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ଆରମ୍ଭ ହେବ। ଲୋଇସିଂହା ନିର୍ବାଚନମଣ୍ଡଳୀର ମୋଟ ୨୬ଟି ଦଳକୁ ନେଇ ୪ଟି ଜୋନ୍ ଗଠନ କରାଯାଇଛି। ୪ଟି ଜୋନ୍‌ର ବିଜୟୀ ଦଳଙ୍କୁ ନେଇ ଲୋଇସିଂହା ମିନି ଷ୍ଟାଡିୟମ୍‌ରେ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

BBSR/R

## ମୁଖ୍ୟମନ୍ତ୍ରୀ–ବଜେଟ୍ ପ୍ରସ୍ତାବ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗରେ ଖର୍ଚ୍ଚ ପରିମାଣ ଏବଂ ଆସନ୍ତା ଆର୍ଥିକ ବର୍ଷ ନିମନ୍ତେ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବଜେଟ୍ ପ୍ରସ୍ତାବର ଅପରାହ୍ନରେ ସମୀକ୍ଷା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ବଜେଟ୍ ସମ୍ପର୍କରେ ମତାମତ ଲୋଡ଼ିବେ ଓ ବିଚାରବିମର୍ଶ କରିବେ। ଚଳିତ ବଜେଟ୍ ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଏହା ପୂର୍ବରୁ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀ' ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବିଧାନସଭାର ବଜେଟ୍ ଅଧିବେଶନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବ ଏବଂ ୨୦ ତାରିଖରେ ବଜେଟ୍ ଉପସ୍ଥାପନ କରାଯିବ ।

BBSR/R

## ମହାନଦୀ ଜଳ ବିବାଦ

ମହାନଦୀ ଜଳବିବାଦର ଶୁଣାଣି ଆସନ୍ତା ମାସ ୧୪ ତାରିଖରେ ହେବ ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି। ଚଳିତ ମାସ ଶେଷ ସପ୍ତାହରୁ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ସରିବା ପରେ ଶୁଣାଣି କରାଯିବ। ଆସନ୍ତା

ଏପ୍ରିଲ ମାସ ୧୩ ତାରିଖରେ ଟ୍ରିବ୍ୟୁନାଲର ଅବଧି ଶେଷ ହେବାକୁ ଯାଉଛି। ୨୦୨୭ ମସିହା ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଓ ଛତିଶଗଡ଼ ଟ୍ରିବୁନାଲ ଅବଧି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

Desk

## ୫୧ତମ ବାର୍ଷିକ ଅବକାରୀ କ୍ରୀଡ଼ା ଉତ୍ସବ

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ଆଇନ ଲାଗୁ ହେବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମଠାରେ ଦୁଇଦିନିଆ ୫୧ତମ ବାର୍ଷିକ ଅବକାରୀ କ୍ରୀଡ଼ା ଉତ୍ସବ ୨୦୨୬କୁ ଉଦ୍‌ଘାଟନ କରି ଶ୍ରୀ ହରିଚନ୍ଦନ କହିଛନ୍ତି, ବିଭାଗ ପକ୍ଷରୁ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯିବ। ଅବୈଧ ନିଶା କାରବାର ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ ସମୟରେ ବଡି କ୍ୟାମେରା ବ୍ୟବହାର କରିବେ। ଯାହାଦ୍ୱାରା କୋର୍ଟରେ ତଦନ୍ତକାରୀ ଅଫିସର ଭିଡିଓ ପ୍ରମାଣ ପ୍ରଦାନ କରିପାରିବେ। କର୍ମଚାରୀ ଓ ଅଧିକାରୀଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଆରମ୍ଭ  ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ଅବସରରେ 'ନିଶା ନୁହେଁ ଜୀବନ' ବାର୍ତ୍ତା ନେଇ  ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୩୩ଟି ଅବକାରୀ ଜିଲ୍ଲାର ଅଧିକାରୀ ଓ କର୍ମଚାରୀମାନେ କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତାକାଲି ଅପରାହ୍ନ ୩ଟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

Rayagada

## ମାଓବାଦୀ ଆତ୍ମସମର୍ପଣ

ରାୟଗଡ଼ା ପୁଲିସ ନିକଟରେ ଗତକାଲି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନିକଟରୁ ଦୁଇଟି ଏ.କେ-୪୭, ୫ଟି ଏସ୍.ଏଲ୍.ଆର୍.ରାଇଫଲ, ଗୋଟିଏ ଇନସାସ୍ ସମେତ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ଆଜି ଆୟୋଜିତ ଏକ ସାମ୍ବଦିକ ସମ୍ମିଳନୀରେ ସେ କହିଛନ୍ତି, ଆତ୍ମସମର୍ପଣ କରିଥିବା ୧୫ ଜଣ ମାଓବାଦୀଙ୍କ ମଧ୍ୟରୁ ବଂଶଧରା–ନାବାଭଳି-ଘୁମୁସର ଡିଭିଜନର ଦୁଇଟି ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ ନିରଞ୍ଜନ ରାଉତ ଓ ତାଙ୍କ ପତ୍ନୀ ଇନ୍ଦୁ ଅଛନ୍ତି।

Dhenkanal

## ଭି.ବି.–ଜି.ରାମ.ଜି.

ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭି.ବି.– ଜି.ରାମ.ଜି. ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୪୭ ଦୀର୍ଘକାଳୀନ ଲକ୍ଷ୍ୟ ପୂରଣ ନିମନ୍ତେ ଥିବା ଉତ୍ତରଦାୟିତ୍ୱ, ଭିତ୍ତିଭୂମି ସଶକ୍ତୀକରଣ, ଏକାଭିମୁଖୀ ଓ ପରିପୂର୍ଣ୍ଣତାକୁ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଚାରୋଟି କ୍ଷେତ୍ର- ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

BHK

## ସଡ଼କ ସୁରକ୍ଷା ସଚେତନତା

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଗରଦପୁରସ୍ଥିତ ଓଡ଼ିଶା ଗାନ୍ଧୀ ବାଳାଶ୍ରମଠାରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏଥିରେ ଯୋଗଦେଇ ସଡ଼କ ସୁରକ୍ଷା, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା କରାଇଥିଲେ ।

Dhenkanal

## ଏସ୍‌ଡିଜି

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଯୋଜନା ଓ ପରିସଂଖ୍ୟାନର ଉପ ନିର୍ଦ୍ଦେଶକ ରାଜବଲ୍ଲଭ କର ଯୋଗଦେଇ ସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ ।